ଯେଉଁମାନେ ସାହିତ୍ୟର ଇତିହାସ ରଚନାରେ ଏକାଗ୍ର ସେମାନେ ଏକାଧିକ ଭାଷାର ସାହିତ୍ୟର ଇତିହାସ ବା ସାହିତ୍ୟ ପଠନ କରିବା ଦ୍ୱାରା ନିଜ ଭାଷା ସାହିତ୍ୟର ଇତିହାସ ରଚନାକୁ କରି ପାରିଥାଆନ୍ତି ସମୃଦ୍ଧଶାଳୀ ଏବଂ ଅର୍ଜନ କରିଥାଆନ୍ତି ଏପରି ଏକ ସୂକ୍ଷ୍ମ କଳା ଯାହାକୁ କୁହାଯାଏ 'ତୁଳନା'। ଏହାର ପ୍ରକୃତ ଅଧିକାରୀ ଥିଲେ ମାୟାଧର ମାନସିଂହ। ତୁଳନାତ୍ମକ ସାହିତ୍ୟ କୌଣସି ପ୍ରକାରର ସୀମାକୁ ସ୍ୱୀକାର କରେନାହିଁ। ତୁଳନା ଗୋଟିଏ ଭାଷାର ସାହିତ୍ୟ ସହିତ ଅନ୍ୟ ଭାଷାର ବା ଅନ୍ୟ ସଂସ୍କୃତିର ହୋଇପାରେ। ତାହା ମଧ୍ୟ ଗୋଟିଏ ଭାଷାର ସାହିତ୍ୟ ମଧ୍ୟରେ ବି ସମ୍ଭବ ହୋଇପାରେ। ବିଶ୍ୱସାହିତ୍ୟର ଜଣେ ଦରଦୀ ପାଠକ ଭାବରେ ମାନସିଂହ ତୁଳନାତ୍ମକ ଚିନ୍ତନର ଯେଉଁ ସଂକେତ ଓଡ଼ିଆ ସାହିତ୍ୟର ଇତିହାସରେ ଗ୍ରନ୍ଥିତ କରିଯାଇଛନ୍ତି ତାହା ନିଶ୍ଚିତ ଭାବରେ ଏ କ୍ଷେତ୍ରରେ ଏକାଗ୍ରତା ଅର୍ଜନ କରିଥିବା ତଥା ନିଜସ୍ୱ ପ୍ରତିବଦ୍ଧତା ପ୍ରକଟନ କରିବା ପାଇଁ ପ୍ରଚେଷ୍ଟା କରୁଥିବା ସମାଲୋଚକମାନଙ୍କ ନିମିତ୍ତ ଏକ ମହାନ ଦିଗ୍‌ଦର୍ଶନ।



ମଣୀନ୍ଦ୍ରକୁମାର ମେହେର

ଲେଖକଙ୍କ ରଚିତ ଓ ସମ୍ପାଦିତ ପ୍ରାୟ ୨୦ ଖଣ୍ଡ ପୁସ୍ତକ ପ୍ରକାଶିତ। ଉଲ୍ଲେଖଯୋଗ୍ୟ କୃତି– 'ମନୋଜ ଦାସଙ୍କ ଗଳ୍ପରେ ମାନବ ଜୀବନ', 'ଆଲୋକ ଓ ଅମୃତର କବି ଗଙ୍ଗାଧର', 'ଗଙ୍ଗାଧର ମେହେର ଜୀବନ ଓ ସୃଜନ', 'ସୃଜନ ସନ୍ଦେଶ' ଓ 'ଶବ୍ଦ ସ୍ପନ୍ଦନ'। ବିଭିନ୍ନ ସାହିତ୍ୟ ଓ ସଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ।



# ମାନସିଂହଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ'ରେ ତୁଳନାତ୍ମକ ଚିନ୍ତନର ସଂକେତ

ଓଡ଼ିଆ ସାହିତ୍ୟ ଆଲୋଚନା କ୍ଷେତ୍ରରେ ମାନସିଂହଙ୍କ ରଚିତ ଓଡ଼ିଆ ସାହିତ୍ୟର ଇତିହାସ ହେଉଛି ଏକ ବହୁ ଚର୍ଚ୍ଚିତ ଗ୍ରନ୍ଥ। ମାନସିଂହ ଇଂରାଜୀ ସାହିତ୍ୟର ଥିଲେ ଛାତ୍ର ଓ ଅଧ୍ୟାପକ। ଏହା ସହିତ ସମଗ୍ର ଭାରତୀୟ ସାହିତ୍ୟ ଓ ବିଶ୍ୱ ସାହିତ୍ୟ ଅଧ୍ୟୟନରେ ସେ ନିଜକୁ ଉନ୍ମୁଖ କରି ରଖିଥିଲେ। ତେଣୁ ଓଡ଼ିଆ ସାହିତ୍ୟର ଇତିହାସ ରଚନା ସମୟରେ ଅନ୍ୟ ଭାଷା ସାହିତ୍ୟର କୃତି ସହିତ ଓଡ଼ିଆ ସାହିତ୍ୟର ତୁଳନା କରିଛନ୍ତି ସେ ସ୍ଥାନେ ସ୍ଥାନେ, ଯାହା ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବରେ ଆଲୋଚିତ ହୋଇନାହିଁ।

ମହାକବି ସାରଳା ଦାସଙ୍କ ମହାଭାରତ ସମ୍ପର୍କରେ ଆଲୋଚନା କରିବାବେଳେ ସେ ନିଶ୍ଚିତ ହୋଇଛନ୍ତି ଯେ ସାରଳା ଦାସଙ୍କ ବିଦ୍ୟାଶିକ୍ଷା ବିଶେଷ ନଥିଲା। ସଂସ୍କୃତ ମହାଭାରତ ସହିତ ତେଣୁ ଏହାର ତୁଳନା କରିବା ପ୍ରସଙ୍ଗରେ ସେ ମତ ଦେଇଛନ୍ତି ଯେ "ସେ ସଂସ୍କୃତ ପୁରାଣମାନଙ୍କର ଅତିମାନବମାନଙ୍କୁ ଆଙ୍କିବାକୁ ଯାଇନାହାନ୍ତି, ଆଙ୍କିଛନ୍ତି ରକ୍ତମାଂସର ପୁରୁଷ ଓ ସ୍ତ୍ରୀ। ସାରଳାଙ୍କ ଜଗତଟି ଗୋଟିଏ ସାଧାରଣ କୃଷକଙ୍କ କ୍ଷେତ ସେଠି ଦେବଦେବୀଙ୍କର ପଦ ମଧ୍ୟ ସାଧାରଣ ଜନପଥର ଧୂଳିରେ ଧୂସରିତ। ତାଙ୍କର ଅଭିଜାତ ନାୟିକାମାନଙ୍କର କୋମଳ କରପଲ୍ଲବ ମଧ୍ୟ ରୋଷେଇଶାଳାର ଧୂଆଁ ଓ ଅଳନ୍ଧୁ ବା ଗୃହର ବାସି ପାଇଟି ଯୋଗୁ ଅପରିଚ୍ଛନ୍ନ ଓ ପଥୁରାଭୂତ। ସାରଳାଙ୍କ ରାଣୀ ଓ ରାଜକନ୍ୟାମାନେ ନାରୀ ଜନ୍ମର ସହଜାତ କ୍ଷୁଦ୍ର କ୍ଷୁଦ୍ର ଈର୍ଷା ପ୍ରକାଶ କରି ଗମ୍ଭୀର ପରିବେଶରେ ମଧ୍ୟ ହାସ୍ୟକର ହୋଇଉଠିଛନ୍ତି।"

ସାରଳା ମହାଭାରତରେ ଜୈନ ଓ ବୌଦ୍ଧଧର୍ମର ଛାୟା ସମ୍ପର୍କରେ ଲେଖକ ଆଲୋକପାତ କରିଛନ୍ତି। ମୂଳ ସଂସ୍କୃତ ମହାଭାରତର

a Pandav Productions

ଭିଡ଼ ଭିତରେ ଭିନ୍ନ ସ୍ୱର

# ଅକ୍ଷର

ଶ ର ତ ସ୍ୱ ତ ନ୍ତ୍ର ୨୦୨୦



ବାଙ୍ମୟ ୧୨ ବର୍ଷ...

# ଏକବିଂଶ ଶତାବ୍ଦୀର ଓଡ଼ିଆ ଡାଏରି ସାହିତ୍ୟ

ମଣୀନ୍ଦ୍ର କୁମାର ମେହେର

ନିଜ ହୃଦୟର ଅନୁଭବ, ଜୀବନର ଅଭିଜ୍ଞତା, ଦୈନନ୍ଦିନ ଜୀବନର ବିଭିନ୍ନ ଘଟଣା ଓ ଅନୁଭୂତି ତଥା ଅନ୍ତରର ଭାବାବେଗକୁ ମୁକ୍ତଭାବରେ ପ୍ରକାଶ କରିବାପାଇଁ ଡାଏରୀ ରଚନା ଏକ ଉପଯୁକ୍ତ ମାଧ୍ୟମ । ଓଡ଼ିଆ ସାହିତ୍ୟର ବିଶିଷ୍ଟ ସମାଲୋଚକ ଚିତ୍ତରଂଜନ ଦାସ 'ରୋହିତର ଡାଏରୀ' ରଚନା କରିବା ସମୟରେ ଏଭଳି ଜଣେ ଲେଖକଙ୍କ ନାମ ଉଲ୍ଲେଖ କରିଥିଲେ, ଯିଏ ତାଙ୍କର ସମଗ୍ର ଜୀବନବ୍ୟାପୀ କେବଳ ଡାଏରୀ ହିଁ ରଚନା କରିଛନ୍ତି । ସେ ହେଲେ ସ୍ୱିଜରଲ୍ୟାଣ୍ଡର ହେନେରୀ ଫ୍ରେଡରିକ୍ ଆମେଲ (ରକ୍ଷଣଶୀଳ ଭାଷ୍ୟକାର : ୧୮୨୧-୧୮୮୧) । ଏ ପ୍ରକାରର ରଚନାକୁ ସମାଲୋଚକମାନେ କେତେବେଳେ ପ୍ରବନ୍ଧ, ରମ୍ୟରଚନା ତ କେତେବେଳେ ଆତ୍ମଜୀବନୀର ଅନ୍ତର୍ଭୁକ୍ତ କରିଦେଇ ସେତିକିରେ ଅଟକି ଯାଉଛନ୍ତି । ମାତ୍ର ବାସ୍ତବରେ ଡାଏରୀ ରଚନା ସାହିତ୍ୟ ସୃଷ୍ଟିର ଯେ ଏକ ମହନୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ଏ ସମ୍ପର୍କରେ ସ୍ୱତନ୍ତ୍ରଭାବରେ ବିସ୍ତୃତ ଆଲୋଚନା ପରିଦୃଷ୍ଟ ହୁଏ ନାହିଁ । ଓଡ଼ିଆ ସାହିତ୍ୟରେ ଦକ୍ଷିଣ ଭାରତ ଓ ସିଂହଳ ଦେଶ ଭ୍ରମଣର ଅନୁଭୂତିକୁ ପୁଞ୍ଜିକରି ଜଳଧର ଦେବ ଲେଖିଥିଲେ 'ଡାଏରୀର କିୟଦଂଶ' । ସେହିପରି ଚୀନ୍ ଭ୍ରମଣ ବୃତ୍ତାନ୍ତକୁ ତାରିଖ ବିହୀନ ଡାଏରୀଭାବରେ ରଚନା କରିଥିଲେ ସୁରେନ୍ଦ୍ର ମହାନ୍ତି 'ପେକିଂ ଡାଏରୀ' ନାମରେ । ଏପ୍ରସଙ୍ଗ ଉତ୍ଥାପନ ହେଲାବେଳେ ଆଧୁନିକ ଯୁଗରେ ରାଧାନାଥ ରାୟ ଯେଉଁ ଟିପାଖାତାର ବ୍ୟବହାର କରୁଥିଲେ ତା ମଧ୍ୟ ସ୍ୱତଃ ମନେପଡ଼ିଯାଏ । ତେବେ ଓଡ଼ିଆ ଡାଏରୀ ସାହିତ୍ୟକୁ ୨୪ ଗୋଟି ପୁସ୍ତକଦ୍ୱାରା ଯିଏ ସବୁଠୁ ଅଧିକ ସମୃଦ୍ଧଶାଳୀ କରିପାରିଛନ୍ତି ସିଏ ହେଉଛନ୍ତି ଚିତ୍ତରଂଜନ ଦାସ । ତାଙ୍କର 'ରୋହିତର ଡାଏରୀ', ଡାଏରୀ ରଚନା ଯେ ଏକ ମାନବାତ୍ମାର ମୁକ୍ତ ପ୍ରକାଶ ହୋଇପାରେ, ଏହି ଭାବନାର ହେଉଛି ସୁଦୃଢ଼ ଭିତ୍ତି । ଏ ପ୍ରସଙ୍ଗରେ ମଧ୍ୟ ପଣ୍ଡିଚେରୀ ଶ୍ରୀ ଅରବିନ୍ଦ ଆଶ୍ରମର ସାଧକ ଶ୍ରୀ ପ୍ରପତ୍ତିଙ୍କ 'ଡାଏରୀ' ଏକାନ୍ତ ଉଲ୍ଲେଖନୀୟ ।

ଶ୍ରୀଯୁକ୍ତ ଚିତ୍ତରଂଜନ ଦାସଙ୍କ ଏକବିଂଶ ଶତାବ୍ଦୀରେ ପ୍ରକାଶ ପାଇଥିବା ତିନିଖଣ୍ଡ ଡାଏରୀ ରହିଛି । ଯଦିଓ ତା'ମଧ୍ୟରୁ ଏକଖଣ୍ଡ ପୁସ୍ତକ ହେଉଛି ବିଂଶ ଶତାବ୍ଦୀର ରଚନା । ଅନ୍ୟ ଦୁଇଖଣ୍ଡ 'ରୋହିତ ଡାଏରୀ' ଦ୍ୱାବିଂଶ ପର୍ବ ଓ ତ୍ରୟୋବିଂଶ ପର୍ବ ହେଉଛି ସଂପୂର୍ଣ୍ଣ ଭାବରେ ଏକବିଂଶ ଶତାବ୍ଦୀର ଅୟମାରମ୍ଭରୁ ରଚିତ ହୋଇଥିବା ଜୀବନାନୁଭୂତି । ଚିତ୍ତରଂଜନ ଦାସଙ୍କ ଏହି 'ରୋହିତର ଡାଏରୀ' ପୁସ୍ତକର ଯେକୌଣସି ପୃଷ୍ଠାକୁ ଓଲଟାଇ ଦେବାମାତ୍ରକେ ଚେତନାରେ ଘଟିଯାଏ ଏକ ସୂକ୍ଷ୍ମତର ଆଲୋଡ଼ନ । ଯେଉଁ ଲେଖକ ନବନବ ଚେତନାରେ ନିତ୍ୟ ଆଲୋଡ଼ିତ ହୋଇନାହିଁ, ନବନବ ରଚନାରେ ଯାହାର ହୃଦୟ ଆବେଗସିକ୍ତ ଓ ଶ୍ରଦ୍ଧାମୟ ହୋଇପାରିନାହିଁ ସେ କେବେହେଲେ ନିରାଡ଼ମ୍ବର ଭାବରେ ଡାଏରୀ ପୃଷ୍ଠାରେ ନିଜକୁ ଉନ୍ମୁକ୍ତ କରିପାରିବ ନାହିଁ । ଚିତ୍ତରଂଜନ ଦାସ ଗତ ୩୦.୦୧.୨୦୦୦ ଦିନ ତାଙ୍କ ଡାଏରୀରେ କେଉଁ ବିଷୟଟିକୁ ଉପସ୍ଥାପନ କରୁଛନ୍ତି ତାହା ଦେଖାଯାଉ । ସେ ଲେଖୁଛନ୍ତି – "ଜୀବନରେ ସବୁଠାରୁ ଅଧିକ ପରିଚିତ୍ ବା ସକାରାତ୍ମକ ଅଭିପ୍ରାୟ ଏବଂ ଆଗ୍ରହଟି ହେଉଛି ଉତ୍ସର୍ଗ । ଝବମାଙ୍ଗଲସମର ନୁହେଁ ଉଭୟସମନ୍ୱୟସଙ୍କୁଳ ଏହାକୁ ଉତ୍ତର ଯାବତୀୟ ଅଭିବ୍ୟଞ୍ଜନା ସହିତ ସମର୍ପଣ ବୋଲି କୁହାଯାଇପାରେ । ସମର୍ପଣ ନିମନ୍ତେ ହିଁ ଆସ୍ପୃହା, ଏହି ସେହି ଆସ୍ପୃହା ଅନୁସାରେ ପ୍ରତ୍ୟାଖ୍ୟାନ । ଗାନ୍ଧୀଜୀବନକୁ ନିଜର ଜୀବନ ମାନଚିତ୍ର ଉପରେ ସବୁଠାରୁ ଅଧିକ ପରିଚିତ ଦୃଷ୍ଟାନ୍ତ ରୂପେ ସ୍ୱୀକାର କରିପାରୁଥିବା ଯେକୌଣସି ମଣିଷ ସକଳ କ୍ଷେତ୍ରରେ ହୁଏତ ସବା ଆଗ ତାହାହିଁ କହିବ ।"(୧) ମହାତ୍ମାଗାନ୍ଧୀ, ସ୍ୱାମୀବିବେକାନନ୍ଦ, ମହାଯୋଗୀ ଓ ମହାକବି ଶ୍ରୀ ଅରବିନ୍ଦ, ବେଦେଭିକ୍ ଭିନୋଭା, ରୋମାରୋଲାଁ ପ୍ରମୁଖ ମହାମନୀଷୀଙ୍କ ଜୀବନ ଓ ରଚନା ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିବା ଚିତ୍ତରଂଜନ ଦାସଙ୍କ ଅନ୍ତରାତ୍ମାର ସୂକ୍ଷ୍ମ ଅନୁଭବ ଏ ପୁସ୍ତକଗୁଡ଼ିକୁ କରିପାରିଛି ଏକାନ୍ତ ପ୍ରେରଣାଗର୍ଭିତ । ଏଭଳି ପୁସ୍ତକ ପାଠରେ କୌଣସି କ୍ଲାନ୍ତି ଆସେ ନାହିଁ । ଅତି ସହଜ ଓ ସରଳ ଭାବରେ ନିଜ ହୃଦୟର ନିଭୃତ ପ୍ରକୋଷ୍ଠ ଉଦ୍ଦେଶ୍ୟରେ ଜଣେ ପାଠକ ଯାତ୍ରା କରିପାରେ ଅନାୟାସରେ । ପୁଣି ମୂଳରୁ ଶେଷ ପର୍ଯ୍ୟନ୍ତ 'କ୍ରମାନ୍ୱୟରେ' ଏ ଡାଏରୀଗୁଡ଼ିକ ଯେ ପଢାହେବା ଉଚିତ୍ ତାହା ମଧ୍ୟ ନୁହେଁ । ଏଠି ଲେଖକ ଯେମିତି ସ୍ୱାଧୀନ, ପାଠକ ମଧ୍ୟ ସେହିପରି ସବୁ ବନ୍ଧନରୁ ମୁକ୍ତ ଆକାଶରେ ଉଡୁଥିବା ଏକ ମୁକ୍ତିକାମୀ ବିହଙ୍ଗ ପରି । ତେଣୁ ଯିଏ ପ୍ରତିମୁହୂର୍ତ୍ତରେ ବଦଳିଯିବାକୁ ଚାହେଁ, ଯିଏ ପ୍ରତିଟି ଦିନ ଏକଏକ ନବଜନ୍ମର ଅନୁଭୂତି ପ୍ରାପ୍ତ କରିବାପାଇଁ ଇଚ୍ଛାକରେ ତା'ପାଇଁ ରୋହିତର ଡାଏରୀ ନିଶ୍ଚିତ ଭାବରେ ଯେ, ଜୀବନରେ ସଂଚାର କରିବ ଅସୀମ ଶକ୍ତି ସେଥିରେ ସନ୍ଦେହ ନାହିଁ । ଚିତ୍ତରଂଜନଙ୍କ ବାକ୍ୟଗୁଡ଼ିକ ପାଠକରୁଥିବା ସମୟରେ ପ୍ରତ୍ୟେକ ପାଠକ ନିଶ୍ଚୟ ଅନୁଭବ କରିପାରିବ ଯେ, ସେ ଲେଖକଙ୍କ ସହିତ ଏକାନ୍ତରେ ବସି ଭାବବିନିମୟରେ ମଗ୍ନ ହୋଇଯାଇଛି । ମଣିଷ ଭିତରେ ଆସ୍ଥା ଓ ବିଶ୍ୱାସ ଯେଉଁ ଲେଖକ ସୃଷ୍ଟି କରିପାରିନାହିଁ ତାଙ୍କୁ ଆମେ କେବେହେଲେ ଜଣେ ଉଚ୍ଚକୋଟୀର ସାହିତ୍ୟ ସାଧକ ବୋଲି ବର୍ଣ୍ଣନା କରିପାରିବା ନାହିଁ । ଚିତ୍ତରଂଜନ ତାଙ୍କ ଆନ୍ତରିକତାର ସ୍ପର୍ଶରେ

ISSN 2581-3994

# ଗୋପବନ୍ଧୁଙ୍କ ସତ୍ୟବାଦୀ

GOPABANDHUNKA SATYABADI

www.thesamaja.com

ଜୁଲାଇ ୨୦୨୨



ବାର୍ଷିକ ସଂଖ୍ୟା

# ସକାରାତ୍ମକ ସ୍ପନ୍ଦନର ସଂପ୍ରସାରଣ



ମଣୀନ୍ଦ୍ର କୁମାର ମେହେର

ସେଦିନ ଅପରାହ୍ଣରେ ବାଣିଜ୍ୟ ବିଭାଗରେ ନାମ ଲେଖାଇଥିବା ଜଣେ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର ଆକସ୍ମିକ ଭାବରେ ମୋ ସହ ସାକ୍ଷାତ କରିବା ପାଇଁ ଯେତେବେଳେ ଆମ ବିଭାଗକୁ ଆସିଲେ, ତାଙ୍କୁ ଦେଖି ଓ ତାଙ୍କ କଥା ଶୁଣି ଆନ୍ଦୋଳିତ ହୋଇଉଠିଲା ମୋ ହୃଦୟ।

ଏହି ଉଚ୍ଚକୋଟୀର ଚେତନା-ସମ୍ପନ୍ନ ଛାତ୍ରଜଣକ ହେଉଛନ୍ତି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଗଭୀର ଅନୁରାଗରେ ଆପ୍ଲୁତ ତାରୁଣ୍ୟର ଏକ ଦୀପ୍ତ ଦୀପଶିଖା। ମୁଖମଣ୍ଡଳରେ ତାଙ୍କର ଯେତିକି ଅନୁରକ୍ତି ଫୁଟିଉଠୁଥିଲା ସେହିପରି ପ୍ରତିଫଳିତ ହେଉଥିଲା ନୈରାଶ୍ୟ-ଉଦ୍ରେକକାରୀ ଅନେକ ସୁସ୍ପଷ୍ଟ ରେଖା। ଭାବାବିଷ୍ଟ ସ୍ୱରରେ ସେ କହୁଥିଲେ–

'ସାର୍! ବର୍ତ୍ତମାନର ସାମାଜିକ ପରିବେଶରେ ଯେଉଁଠି ମାତୃଭାଷୋଚିତ ବ୍ୟବହାର ମୁଁ ଦେଖିପାରେନା ସେଇଠି ଗଭୀର ଆଘାତ ଅନୁଭବ କରୁଛି। ସେହିପରି ଆମ ଓଡ଼ିଶାର ମୋ ନିଜ ବନ୍ଧୁମହଲରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବିତୃଷ୍ଣା ଭାବ ଦେଖି ମୁଁ ଆହତ, କ୍ଷତାକ୍ତ ଓ ଯନ୍ତ୍ରଣାକ୍ତ। ଏପରି ଅବସ୍ଥାରେ ମୋର କର୍ତ୍ତବ୍ୟ କ'ଣ ମୁଁ ଚିନ୍ତା କରିପାରୁ ନାହିଁ। ମୋତେ ଆପଣ କିଛି କୁହନ୍ତୁ ସାର୍।'

ଯାହା କିଛି କାମର ବୋଝ ଥିଲା ମୋ ଉପରେ ତାହାକୁ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ସ୍ଥଗିତ ରଖିଦେଇ ଏକାଗ୍ର ଚିତ୍ତରେ ସେହି ଅତି ପ୍ରିୟ ଛାତ୍ରଟିର ନୈରାଶ୍ୟ-ଜର୍ଜରିତ କଣ୍ଠସ୍ୱର ଓ ଉଦାସ ଆଖିଦୁଇଟିକୁ ନିରବରେ ନିରୀକ୍ଷଣ କରୁଥିଲି ମୁଁ। ଯାହା ଅପ୍ରିୟ ଓ ନିଷ୍ଠୁର ସତ୍ୟ, ତାହା ହିଁ ଉଚ୍ଚାରିତ ହେଉଥିଲା ତାଙ୍କ ମାଧ୍ୟମରେ କେବଳ।

ମୁଁ ଏକଥା ଯଥାର୍ଥ ଭାବରେ ଜାଣିଛି ଯେ, ତାଙ୍କୁ ଏହି ନୈରାଶ୍ୟ ଓ ଔଦାସ୍ୟ ମଧ୍ୟରୁ ମୁକ୍ତ କରିବାର ଶକ୍ତି ନାହିଁ ମୋର। ତଥାପି ତାଙ୍କ ପ୍ରତି ମୋର ଆନ୍ତରିକ ସଦିଚ୍ଛା ବ୍ୟକ୍ତ କରି କହିଲି– "ତୁମେ ହେଉଛ ବାଣିଜ୍ୟ ବିଭାଗର ଜଣେ ଛାତ୍ର। ମାନବିକତାର ଆବେଗ ନେଇ ଓଡ଼ିଆ ଭାଷା ଓ ସାହିତ୍ୟକୁ ତୁମେ ଯେପରି ଆନ୍ତରିକ ଭାବରେ ଭଲପାଉଛ, ତାହା ସକଳ ଉଦାସୀ ମଧ୍ୟରେ ଏକ ଆଶାର ସୂର୍ଯ୍ୟୋଦୟ ପରି ପ୍ରତିଭାତ ହେଉଛି ମୋ ଆଖିକୁ। ବାସ୍ତବରେ ଯେଉଁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆମେ ଜୀବନ ନିର୍ବାହ କରୁଛୁ, ତାହା ଯେ ଚିନ୍ତାଜନକ– ଏଥିରେ ସନ୍ଦେହ ନାହିଁ। ସମଗ୍ର ପରିବେଶଟିକୁ ନିଜର ଆୟତ୍ତାଧୀନ କରି ରଖିବା ଅଥବା ଅଳ୍ପ ସମୟ ମଧ୍ୟରେ କିଛି ବିରାଟ ପରିବର୍ତ୍ତନ ଘଟିଯିବ ବୋଲି ଆମେ ନିଶ୍ଚିତ ଭାବରେ ଆଶାବାଦୀ ହୋଇପାରିବା ନାହିଁ, କିନ୍ତୁ ଏପରି ଦୁଃସମୟରେ ମଧ୍ୟ ନିଜର କର୍ତ୍ତବ୍ୟ ନିଷ୍ଠାର ସହିତ ନିର୍ବାହ କରିପାରିବା ଆମେ। କାରଣ ତାହା ହିଁ ଆମର ଆୟତ୍ତାଧୀନ। ତୁମ ଭିତରେ ରହିଛି ଯେଉଁ ଅନୁରକ୍ତି, ତୁମର ପାଖରେ ଥିବା ବନ୍ଧୁମାନଙ୍କ ମଧ୍ୟରୁ କାହାକୁ ହେଲେ ନିର୍ବାଚନ କରି ତାଙ୍କ ମଧ୍ୟରେ ତୁମ ପବିତ୍ର ଭାବନାକୁ କିଞ୍ଚିତ୍ ହେଲେ ସଂପ୍ରେରିତ କରିପାରିବା ତୁମ ଦ୍ୱାରା ନିଶ୍ଚୟ ସମ୍ଭବ। ଏପରି ଜଣେ ଦୁଇଜଣ, ଚାରିପାଞ୍ଚଜଣ ଯେତିକି ନିଜର ଅନ୍ତରଙ୍ଗ ବନ୍ଧୁ ଥିବେ, ସେମାନଙ୍କ ମଧ୍ୟରେ ତୁମେ ସୃଷ୍ଟି କରିପାରିବ ଏକ ସକାରାତ୍ମକ ସ୍ପନ୍ଦନ। ପୃଥିବୀର, ଭାରତବର୍ଷର ଅଥବା ଆମ ଓଡ଼ିଶା ରାଜ୍ୟର ଚତୁଃପାର୍ଶ୍ୱର ବାତାବରଣ ଯେପରି ଥାଉ ନା କାହିଁକି, ତୁମେ ଏଥିରେ ଅଟଳ ବିଶ୍ୱାସ ରଖ ଯେ, ତୁମ ଅନ୍ତରର କଲ୍ୟାଣମୟ ଭାବାବେଗ କେବେହେଲେ ଅର୍ଥହୀନ ବା ପ୍ରଭାବହୀନ ହୋଇନପାରେ। ସମଗ୍ର ଜଗତକୁ କ୍ଷଣକରେ ବା କିଛିଦିନ ବା କେତେ ବର୍ଷ ମଧ୍ୟରେ ଆମେ ବଦଳାଇ ଦେବା ସମ୍ଭବ ନୁହେଁ, କିନ୍ତୁ ନିଜ ହୃଦୟର ଏହି ମାଙ୍ଗଲ୍ୟ-ଧ୍ୱନି ଯଦି ଅବିଶ୍ରାନ୍ତ, ଅକ୍ଳାନ୍ତ ଭାବରେ ଗଭୀର ଆସ୍ଥାଶୀଳତା ନେଇ ଆମେ ଉଚ୍ଚାରଣ କରୁଥିବା, ତାହା ନିଶ୍ଚୟ ମହତ୍ କମ୍ପନ ସୃଷ୍ଟି କରିବ ଆମ ବାୟୁମଣ୍ଡଳରେ ଓ ଆମ ଚାରିପାଖରେ ବେଢ଼ି ରହିଥିବା ମଣିଷମାନଙ୍କ ଅନ୍ତଃସ୍ଥଳରେ। ଏହି ଆସ୍ଥା ଉଦ୍ଦୀପକ ଭାବନାର ଓ ସଚେତନ ସତ୍‌କାର୍ଯ୍ୟ କେବେ ହେଲେ ବିଫଳ ହୋଇଯିବ ନାହିଁ।"

ମୋ ପରି ଏକ ଅକିଞ୍ଚନ ଶିକ୍ଷକ ମୁହଁରୁ ଏହା ଶୁଣିବା ପରେ ଲକ୍ଷ୍ୟ କଲି ପିଲାଟିର ଦୁଇ ଆଖିରେ ଦିବ୍ୟ ଆଶାର କିରଣ ବିଚ୍ଛୁରିତ ହେଉଛି। ଏହି ଦିବ୍ୟ-କିରଣର ସମ୍ପ୍ରସାରଣରେ ଆମର ଭୂମିକା ହୋଇ ଉଠୁ ଉତ୍ସାହ-ଉଦ୍ଦୀପକ ଓ ଜାଗରଣର ମହାନ ସଂକେତ, ଏହା ହିଁ ବିନମ୍ର ପ୍ରାର୍ଥନା। ■■■

ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ
ବାଲେଶ୍ୱର-୮୯

ISSN 2321 - 9890

Janasudha

ଚେତନାଧର୍ମୀ ସାହିତ୍ୟପତ୍ର

# ଜନସୁଧା



# ଆଲୋକିତ ଅଭୀପ୍ସାର ଅନ୍ତର୍ଧ୍ୱନି : 'ତରଙ୍ଗ ଓ ତଡ଼ିତ୍'

ମଣୀନ୍ଦ୍ର କୁମାର ମେହେର

ଚିତ୍ତରଞ୍ଜନ ଦାସଙ୍କ 'ତରଙ୍ଗ ଓ ତଡ଼ିତ୍' ଗ୍ରନ୍ଥରେ ସଂକଳିତ ହୋଇଥିବା ପ୍ରବନ୍ଧଗୁଡ଼ିକୁ ସ୍ମରଣ କରିବା ମାତ୍ରକେ ଯେଉଁ ଗୋଟିଏ ବାକ୍ୟ ପ୍ରଥମେ ମନେପଡ଼େ ଓ ହୃଦୟରେ ସୃଷ୍ଟିକରେ ତୀବ୍ର କମ୍ପନ ତାହା ହେଉଛି 'ମାନିନେଇଥିବା ମଣିଷ ଏ ସଂସାରକୁ ଗଢ଼ିନାହିଁ, ଅମାନିଆ ଗଢ଼ିଛି ।' (ପୃଷ୍ଠା-୧୦) ବାସ୍ତବିକ ଯେଉଁମାନେ ସୁଯୋଗସନ୍ଧାନୀ ହେବାର ନିଶାରେ ନିଜେଇ ସେମାନେ ଯୁଗାନ୍ତର ସୃଷ୍ଟି କରିବାରେ ଅସମର୍ଥ । ଚିତ୍ତରଞ୍ଜନ ମାନିନେଇଥିବା ଅଭାବ ଓ ଭ୍ରମ ଭିତରେ ଅଚେତନ ହୋଇ ରହିଥିବା ମଣିଷମାନଙ୍କୁ ନୁହେଁ, ଅମାନିଆ ସୃଜନବାଦୀ ମଣିଷକୁ ସ୍ୱୀକୃତି ଦେଇଛନ୍ତି ନିଜ ଅନ୍ତରରେ ।

ସାହିତ୍ୟିକ ମଧ୍ୟ ସେ ମାନିନେବା ପାଇଁ ଏ ସଂସାରକୁ ଆସିନାହିଁ ସେ ସଂପର୍କରେ ପ୍ରାବନ୍ଧିକ ଯେଉଁ ସଚେତନତାର ବାର୍ତ୍ତା ଉଦ୍‌ଘୋଷଣା କରିଛନ୍ତି ତା' ଭିତରେ ଭରି ରହିଛି ଅସୀମ ଶକ୍ତି । ବହିଟିର 'ତରଙ୍ଗ ଓ ତଡ଼ିତ୍' ଶୀର୍ଷକ ଏଇ ଗୋଟିଏ ପ୍ରବନ୍ଧ ଯଦି କେହି ଏକାଗ୍ର ଚିତ୍ତରେ ପଢ଼େ ତା'ହେଲେ ତା'ମଧ୍ୟରେ ସୃଷ୍ଟି ହୁଏ ଯେଉଁ ଅଭିନବ କମ୍ପନ ସେକଥା ସିଏ ହିଁ ବୁଝିପାରେ ଯଥାର୍ଥ ଭାବରେ । ଜଣେ ଲେଖକର ଗୋଟିଏ ଗୋଟିଏ ବାକ୍ୟ ଯଦି ଗୋଟିଏ ଗୋଟିଏ ଜୀବନରେ ପରିବର୍ତ୍ତନ ଆଣିଦେଇପାରିଲା ତା'ହେଲେ ସେ ବାକ୍ୟଗୁଡ଼ିକୁ ସଜୀବ ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ । ଏ ଦୃଷ୍ଟିରୁ ଚିତ୍ତରଞ୍ଜନଙ୍କ ବାକ୍ୟାବଳୀ ମଧ୍ୟରେ ଭରି ରହିଛି ଯେଉଁ ଅମିତ ତେଜ ତାକୁ କିପରି ବା ବ୍ୟାଖ୍ୟା କରିବା ସମ୍ଭବ ?

ପୁସ୍ତକଟିରେ ଚିତ୍ତରଞ୍ଜନ ଯେମିତି ସାରା ପୃଥିବୀର ବେଦନା ଜଗତ ସହିତ ପାଠକକୁ ଯୋଡ଼ିଦେବାର ଆନ୍ତରିକ ପ୍ରୟାସ କରିଛନ୍ତି ତାହା ଓଡ଼ିଆ ପାଠକମାନଙ୍କ ପାଇଁ ଏକ ବିରାଟ ସୌଭାଗ୍ୟ ବୋଲି କୁହାଯାଇପାରିବ । ରୁଷ୍, ଜର୍ମାନୀଠାରୁ ଆରମ୍ଭ କରି ୟୁରୋପ ଓ ଭାରତବର୍ଷର ଆତ୍ମାନଙ୍କୁ ଯେପରି ସ୍ପନ୍ଦନକ୍ଷମ ଭାଷା ସଂଯୋଗରେ ସେ ପ୍ରବନ୍ଧଗୁଡ଼ିକୁ କରିପାରିଛନ୍ତି ପ୍ରେରଣାଦାୟକ, ତା'ର ବାସ୍ତବିକ ତୁଳନା ନାହିଁ । ସେ ସେଇଭଳି ବ୍ୟକ୍ତିତ୍ୱଙ୍କୁ ଚୟନ କରିଛନ୍ତି ଏହି ପୁସ୍ତକ ପାଇଁ ଯେଉଁମାନେ ପ୍ରତିଷ୍ଠିତ ଅନ୍ଧ ପରମ୍ପରା ବିରୋଧରେ ଏକୁଟିଆ ହେଲେ ବି ସଂଗ୍ରାମର ସ୍ୱର ଉତ୍ତୋଳନ କରିଛନ୍ତି ନିର୍ଭୀକ ଭାବରେ ।

ରୁଷ୍ ସାହିତ୍ୟର ମହାନ କଥାଶିଳ୍ପୀ ବୋରିସ୍ ପାସ୍ତରନାକ୍‌ଙ୍କୁ ଓଡ଼ିଆ ପାଠକଙ୍କ ସହିତ ପରିଚିତ କରିଦେବାରେ ବୋଧହୁଏ ସେ ହିଁ ହେଉଛନ୍ତି ପ୍ରଥମ ଲେଖକ । ୧୯୬୦ ମସିହାରେ ଏହି ମହାନ ଲେଖକଙ୍କ ମୃତ୍ୟୁପରେ ରଚନା କରିଛନ୍ତି ଚିତ୍ତରଞ୍ଜନ ଏ ପ୍ରବନ୍ଧଟିକୁ ବୋରିସ୍‌ଙ୍କୁ ପୁନରୁଜ୍ଜୀବିତ କରିବା ପାଇଁ । 'ଡା. ଜିଭାଗୋ' ଉପନ୍ୟାସ ଲେଖି ଏ ଲେଖକ ହୋଇଥିଲେ ନିର୍ବାସିତ । ସେହି ଉପନ୍ୟାସରେ ମଣିଷର ଭାତଠାରୁ ତା'ର ମଣିଷ ପଣିଆ ଅଧିକ ମୂଲ୍ୟବାନ ବୋଲି ଯେଉଁ ଘୋଷଣା କରାଯାଇଛି ତାହା ଅନ୍ତର୍ମୁଖୀ ହେବାପାଇଁ ମଣିଷକୁ ପ୍ରବୁଦ୍ଧ କରିବାରେ ଏକ ଭିନ୍ନ ଆଲୋଡ଼ନ । ମନୁଷ୍ୟର ଭାଗ୍ୟ ଓ ପୃଥିବୀର ଭବିଷ୍ୟତ ନେଇ ଯେଉଁମାନେ ନୈରାଶ୍ୟ କବଳିତ ସେମାନଙ୍କ ନିମିତ୍ତ କର୍ମବିମୁଖ ନ ହେବାପାଇଁ ଏହା ଏକ ଅଭୟବାଣୀ । ସଂସାରରୁ ପଳାୟନ କଲେ ଏହା ବଦଳିଯାଏ ନାହିଁ ।

ସଂସାର ଭିତରେ ରହି ନିର୍ଭୟ ଚିତ୍ତରେ କଥା କହି ଶିଖିଲେ ସଂସାର ବଦଳିବା ଆରମ୍ଭ ହୁଏ । ଏହି ସତ୍ୟ ଘୋଷଣା କରିଥିବା ବୋରିସ୍ ପାସ୍ତରନାକ୍‌ଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି ଓ ମତବ୍ୟକ୍ତ କରିଛନ୍ତି ଯେ, 'ଡ. ଜିଭାଗୋ ଉପନ୍ୟାସ ଆମର ଭୟ ଭାଙ୍ଗିଦିଏ, ନିରାଶ ହୋଇ ମରି ଯିବାକୁ ଏହା ଆମକୁ ସାବଧାନ କରାଇଦିଏ । ସେଥିପାଇଁ ମଣିଷ ପାଇଁ ଏହି ଗ୍ରନ୍ଥ ଯେକୌଣସି ଅଭୟଦାୟକ ଓ ଆତ୍ମପରିଚାୟକ ଧର୍ମଗ୍ରନ୍ଥର ସହାୟତା ଦିଏ । କିନ୍ତୁ ଶାସକ ଏହି ଗ୍ରନ୍ଥକୁ ଏକ ଆତଙ୍କ ବୋଲି ମନେ କରେ ।' (ପୃଷ୍ଠା-୨୦)

ରୁଷ୍ ପରେ ଜର୍ମାନ ଜାତିର ଅନ୍ତଃସ୍ରୋତ ସହିତ ସମ୍ପର୍କ ସ୍ଥାପନ କରିଦେଇଛନ୍ତି ଲେଖକ । ବିଶ୍ୱଯୁଦ୍ଧରେ ଜର୍ମାନ୍ ପରାଜିତ ମାତ୍ର ସେଇ ପରାଜୟର ଚିହ୍ନବର୍ଣ୍ଣ ଜର୍ମାନରେ ଦେଖିବାକୁ ଯେ ମିଳେନା ସେଥିପ୍ରତି ସେ ଦୃଷ୍ଟି ଆକର୍ଷଣ କରିଛନ୍ତି ଆମର । ଜର୍ମାନରେ ଜନ୍ମନେଇଥିବା ମହାନ ଦାର୍ଶନିକ ସ୍ପିନୋଜା, କାଣ୍ଟ, ହେଗେଲ, ଲିବ୍‌ନିଜ୍, ସୋପେନ ହାଓ୍ୱାର ପ୍ରମୁଖଙ୍କୁ ସେ ସମଗ୍ର ବିଶ୍ୱର ଗୌରବ ବୋଲି ଅଭିହିତ କରିବା ଏକ ଚମତ୍କାର ଉପଲବ୍ଧି । କାରଣ ସିଏ କେଉଁ ଦେଶରେ ଜନ୍ମ ନେବ ତାହା ଏକ ଆକସ୍ମିକ କଥା । ମାତ୍ର ଦର୍ଶନ ଓ ଦାର୍ଶନିକ ଏମାନେ ହେଉଛନ୍ତି ସମଗ୍ର ବିଶ୍ୱର ପ୍ରେରଣାଦାତା । ଜର୍ମାନ ପରାଜୟ ପରେ ମଧ୍ୟ ଯେଉଁ ଉତ୍ସାହର ସହିତ ଆରମ୍ଭ କରିଛି ନବଜୀବନର କ୍ରାନ୍ତି, ତାହାକୁ ବ୍ୟାଖ୍ୟାକରି ଲେଖକ ଲାଭ କରିଛନ୍ତି ପରମ ଶାନ୍ତି ଓ ତୃପ୍ତି ।

ଆଧୁନିକ ଜର୍ମାନ ସାହିତ୍ୟ ସଂପର୍କରେ ମଧ୍ୟ ତାଙ୍କର ଆଲୋକପାତ ଏକାନ୍ତ ଉଲ୍ଲେଖଯୋଗ୍ୟ । ସେ ଦେଶର ବହି ଦୋକାନଟିଏ ଗ୍ରାହକ ଖୋଜୁଥିବା ବହିଟି ବାହାର କରି ନଦେବା ପର୍ଯ୍ୟନ୍ତ ଦୋକାନରୁ ତାଙ୍କୁ ଛାଡ଼େନା । ଏ ଗୋଟିଏ ଦୃଷ୍ଟାନ୍ତ ହିଁ ଯଥେଷ୍ଟ ସେଇ ଦେଶର

# ଜ୍ୟୋତିର୍ମୟୀ

ସାରସ୍ୱତ ସଂକଳନ - ୨୦୨୧





ମଧୁମୟ ସାହିତ୍ୟ ପରିଷଦ, ଝାରସୁଗୁଡ଼ା



# ଗଙ୍ଗାଧରଙ୍କ ପଣନାତି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ତାଙ୍କର ପ୍ରପୌତ୍ର ଭାବରେ ଜନ୍ମ ନେଇଥିବାରୁ ଛୋଟଟି ବେଳରୁ ନିଜ ଗାଁ ମାଟିରେ ଗଙ୍ଗାଧରଙ୍କ ପଣନାତି ଭାବରେ ପରିଚିତ ହୋଇଥିଲି ମୁଁ। ଯେତେବେଳେ ସ୍କୁଲରେ ମୋର ନାମ ଲେଖାହେଲା ସେତେବେଳେ ମୋର ପୂଜ୍ୟ ଶିକ୍ଷକବୃନ୍ଦ ଆଦରର ସହପାଠୀ ଓ ଉପର ଶ୍ରେଣୀରେ ପଢୁଥିବା ବଡ଼ ଭାଇଭଉଣୀ- ସମସ୍ତଙ୍କ ନିକଟରେ ମୋର ପରିଚୟ ଥିଲା ତାହହିଁ। କଥାକଥାରେ ଅନେକ ଛାତ୍ରଛାତ୍ରୀ କେହି ଯଦି ମୋ ପରିଚୟ ଜାଣି ନ ଥାଆନ୍ତି ତାହେଲେ ତାଙ୍କୁ କହିଦିଅନ୍ତି– ତୁ କ'ଣ ଜାଣିନୁ ସେ ଗଙ୍ଗାଧରଙ୍କ ପଣନାତି ବୋଲି ? ଏତକ କଥା ଶୁଣିଦେବା ପରେ ମୋ ବୟସର ପିଲାଙ୍କ ଆଖିରୁ ମଧ୍ୟ ମୁଁ ଦେଖୁଥିଲି ଏକ ଭିନ୍ନ ଶ୍ରଦ୍ଧାଭାବର ଆଲୋକ। ହାଇସ୍କୁଲକୁ ଗଲି। ସେଠି ମଧ୍ୟ ସେହି ସମାନ କଥା। ପଠପଢ଼ାରେ ମୋର ଏକାଗ୍ରତା ଯଦିଓ ନ ଥିଲା ତଥାପି ଶିକ୍ଷକ ଓ ଛାତ୍ରମାନଙ୍କ ଠାରୁ ସର୍ବଦା ଲଭ କରୁଥିଲି ଏକ ସ୍ୱତନ୍ତ୍ର ସ୍ନେହଶୀଳତା– ଯାହା ମୋତେ ଗଙ୍ଗାଧରଙ୍କ ପଣନାତି ଭାବରେ ଗୌରବ ଅନୁଭବ କରିବାର ପ୍ରେରଣା ଦେଇଚାଲିଥିଲା ନିରନ୍ତର।

ମୋର ପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେରଙ୍କ ସ୍ନେହସିକ୍ତ ସାନ୍ନିଧ୍ୟ ଲାଭକରି ମୁଁ ଯେଉଁ ଅପୂର୍ବ ଆହ୍ଲାଦ ଅନୁଭବ କରିଛି ତାହା ଏକ ସ୍ମୃତିର ପରିସରରେ ହିଁ ବର୍ଣ୍ଣିତ ହୋଇପାରିବ। ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ରାମ ପ୍ରସାଦ ସିଂହ ଉପକୂଳବର୍ତ୍ତୀ ଓଡ଼ିଶାରୁ ଯାଇ ବରପାଲିରେ ଅବସ୍ଥାନ କରୁଥାଆନ୍ତି ତାଙ୍କ ସହଧର୍ମିଣୀଙ୍କ ସହିତ। ଆମ ଘରେ ତାଙ୍କର ବିତେ ଅଧିକାଂଶ ସମୟ। ପିତାମହଙ୍କ ସହିତ ତାଙ୍କର ଭାବ ଆଦାନ ପ୍ରଦାନ ଅତ୍ୟନ୍ତ ମାର୍ମିକ ଓ ପ୍ରେରଣାଦାୟକ। ତାଙ୍କ ଘରକୁ ଯେବେଯେବେ ପିତାମହଙ୍କ ବାର୍ତ୍ତା ନେଇ ମୋତେ ଯେତେବେଳେ ଯିବାକୁ ପଡ଼େ ସେତେବେଳେ ଅନେକ ସମୟରେ ଦେଖିଛି ଓଡ଼ିଶାର ବିଖ୍ୟାତ ବ୍ୟକ୍ତିତ୍ୱମାନଙ୍କର ତାଙ୍କ ସହିତ ଭାବାଳାପର ଦୃଶ୍ୟ। ମୁଁ ତାଙ୍କ ପାଖକୁ ପହଞ୍ଚିବା ମାତ୍ରକେ ତାଙ୍କ ଆଲୋଚନାରେ ବିରାମ ଦେଇ ସେଇ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ମୋତେ ଅକଳ୍ପନୀୟ ଶ୍ରଦ୍ଧା ସହକାରେ ପରିଚିତ କରାଇଦେଉଥିଲେ "ମଣୀନ୍ଦ୍ର ଏଇ ପିଲାଟି ଗଙ୍ଗାଧରଙ୍କ ପଣନାତି। ମୁଁ ତାଙ୍କୁ ପଣ୍ଡିତେ ବୋଲି ଡାକେ। ସେଇଠୁ ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ ଆଖିର ଭାବ କ୍ଷଣକରେ ହୁଏ ପରିବର୍ତ୍ତିତ। ସେମାନେ ଯେଉଁ ଶ୍ରଦ୍ଧାଭାବ ନେଇ ନିରୀକ୍ଷଣ କରନ୍ତି ମୋତେ ମୁଁ ବାସ୍ତବରେ ସେତେବେଳେ ସଙ୍କୁଚିତ ହୋଇ ଯାଉଥାଏ। କିନ୍ତୁ ଏମିତି ଗୋଟିଏ ଦିନ ବି ବିତିନାହିଁ ଯେଉଁଦିନ ରାମ ପ୍ରସାଦ ସିଂହ ମୋତେ ଏହଳି ବିରାଟ ବ୍ୟକ୍ତିତ୍ୱ ମାନଙ୍କ ସହିତ ପରିଚିତ କରାଇଦେଇ ନାହାନ୍ତି। ଘରେ ମୁଁ ଲକ୍ଷ୍ୟ କରିଛି ମୋର ବାପା, ବଡ଼ବାପାମାନେ କବିଙ୍କ ନାତି ଭାବରେ କି ଗୌରବ ଅନୁଭବ କରନ୍ତି ଓ ତା' ସହିତ କି ବିନମ୍ର ଭାବ ପ୍ରକାଶ କରନ୍ତି ନିଜ ବ୍ୟବହାରରେ। ଏମିତି କେତେ ନା କେତେ ଅନୁଭୂତି ସର୍ବଦା ଗଙ୍ଗାଧରଙ୍କ ପରିବାରର ସଦସ୍ୟ ଭାବରେ ମୋତେ ଚିହ୍ନାଇ ଦେଇଛି ଶିକ୍ଷାନୁଷ୍ଠାନରେ, ସମାଜରେ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଗହଣରେ।

ସ୍ୱଭାବକବିଙ୍କ ପ୍ରାଣବନ୍ତ ଫଟୋଚିତ୍ର ଦେଖିବାରେ ଆନନ୍ଦ ମୋ ପାଇଁ ଥିଲା ଅପୂର୍ବ। ଯେତେବେଳେ ଓଡ଼ିଶା ସରକାରଙ୍କ ଦ୍ୱାରା ଆମର ପୁରୁଣା ଘର କବିଙ୍କ ଜନ୍ମପୀଠ ଭାବରେ ଜାତୀୟକରଣ ଘୋଷିତ ହେଲା ଆମେ ଚାଲିଆସିଥିଲୁ ସରକାରଙ୍କ ପ୍ରଦତ୍ତ ଓ ସରକାରଙ୍କ ସହାୟତାରେ ନିର୍ମିତ ନୂତନ ଗୃହକୁ। ଏହି ସ୍ଥାନଟି ପିତାମହ ଚିହ୍ନଟ କରିଥିଲେ ଏଇଥିପାଇଁ ଯେ ଘର ପାଖରେ ରହିଥିଲା ନବନିର୍ମିତ 'ଗଙ୍ଗାଧର ସ୍ମୃତିଭବନ'। ତା' ପାର୍ଶ୍ୱରେ ପ୍ରତିଷ୍ଠିତ ହୋଇଥିଲା କବିଙ୍କ ଆବକ୍ଷ ମାର୍ବଲ୍ ନିର୍ମିତ ଆକର୍ଷଣୀୟ ପ୍ରତିମୂର୍ତ୍ତି। ଏହି ସ୍ମୃତିଭବନ ଓ ଷ୍ଟାଚ୍ୟୁ ପରିସର ମୋର ଥିଲା ଶ୍ରେଷ୍ଠ ଖେଳଘର। ସ୍ମୃତିଭବନ ସ୍ଥିତ ପଡ଼ିଆର ଚତୁର୍ଦ୍ଦିଗରେ କୃଷ୍ଣଚୂଡ଼ା ଗଛର ସୌନ୍ଦର୍ଯ୍ୟ ମୋ ମନକୁ ଟାଣି ରଖୁଥିଲା ସର୍ବଦା। ମନେପଡୁଛି ଥରେ ଏକ ଫୁଲମାଳା ଗୁନ୍ଥି ଷ୍ଟାଚ୍ୟୁ ନିକଟକୁ ଦୌଡ଼ି ଯାଇଥିଲି କବିଙ୍କ ଗଳାବେଷ୍ଟନ କରି ଦେବାପାଇଁ ସେହି ମାଳାଟି ଦ୍ୱାରା; ମାତ୍ର ମୁଁ ଯେ କେତେ ଆକାରରେ ଛୋଟ ତାହା ଭୁଲିଯାଇଥିଲି। ଷ୍ଟାଚ୍ୟୁରେ ମାଳା ପିନ୍ଧାଇବା ପାଇଁ ଯେତେବେଳେ ଡେଇଁବାକୁ ଉଦ୍ୟମ କଲି ଯେଉଁ ସ୍ତମ୍ଭ ଉପରେ


शिवार

# ଗୋପୀନାଥ ମହାନ୍ତିଙ୍କ ସର୍ଜନଶୀଳତାର ଏକ ଭିନ୍ନ ଦିଗନ୍ତ : 'କଳାଶକ୍ତି'

ମଣୀନ୍ଦ୍ର କୁମାର ମେହେର

(୧)

ଗୋପୀନାଥ ମହାନ୍ତିଙ୍କ କଥାସାହିତ୍ୟ ପ୍ରତି ଯେଉଁ ଶ୍ରେଷ୍ଠ ଅବଦାନ ରହିଛି, ଏକଥା କିଏ ବା ନ ଜାଣନ୍ତି। ମାତ୍ର ଏହା ବ୍ୟତୀତ ତାଙ୍କ ସର୍ଜନଶୀଳତାର ଆଉ ଏକ ବିଶିଷ୍ଟ ଦିଗ ଉନ୍ମୋଚିତ ହୋଇଯାଏ ଯେତେବେଳେ ଅନୁରାଗୀ ପାଠକ ପ୍ରତ୍ୟକ୍ଷ କରେ ତାଙ୍କ 'କଳାଶକ୍ତି' ପୁସ୍ତକର ରଚନା ସବୁକୁ। ଯେକୌଣସି ପ୍ରକାରର ଗଦ୍ୟ ଶୈଳୀରେ ଆପଣାକୁ ପରିପୂର୍ଣ୍ଣ ଭାବରେ ପ୍ରକାଶ କରିବାର ଅତୁଳନୀୟ ଦକ୍ଷତା ବିଦ୍ୟମାନ ଥିଲା ଗୋପୀନାଥଙ୍କ ଆତ୍ମଶକ୍ତି ମଧ୍ୟରେ। ତେଣୁ କଳାଶକ୍ତି ନାମକ ପୁସ୍ତକଟିରେ ଯେଉଁ ସବୁ ପ୍ରବନ୍ଧ ସଂକଳିତ, ତାହା ଭିନ୍ନ ରୁଚିର ଯେ ସୌନ୍ଦର୍ଯ୍ୟମୟ ଉଦ୍ଭାସ, ଏଥିରେ ସନ୍ଦେହ ନାହିଁ। ନିଜେ ଗୋପୀନାଥ ଏ ପୁସ୍ତକର ପ୍ରାରମ୍ଭରୁ ଏଭଳି ରଚନା ସଂପର୍କରେ ତାଙ୍କ ଆତ୍ମ-ସ୍ୱୀକାରୋକ୍ତି ବର୍ଣ୍ଣନା କରି କହିଛନ୍ତି, "ମୁଁ ମୋର ସାହିତ୍ୟିକ ଜୀବନର ଆରମ୍ଭ ବେଳେ ନୂଆନୂଆ ଗଢ଼ିଥିବା ଅଭିରୁଚି ଓ ଦୃଷ୍ଟିଭଙ୍ଗୀ ଘେନି ଗୋଟିଏ ନୂଆ ଉଦ୍ୟମରେ ସତରଟି ପ୍ରବନ୍ଧ ଲେଖିଛି। ତହିଁରୁ ପ୍ରତ୍ୟେକ ପ୍ରବନ୍ଧ ସାହିତ୍ୟିକ-ତତ୍ତ୍ୱମୂଳକ ଆଲୋଚନା।" (୧)

ଏହି ପ୍ରବନ୍ଧଗୁଡ଼ିକ ଏପରି ଶୈଳୀରେ ରଚିତ ହୋଇଛି ଯାହା ପାଠକମାନଙ୍କୁ ପଠନକ୍ଳାନ୍ତିରୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ। ବରଂ ପାଠକମାନଙ୍କର ଯେପରି ଆଗ୍ରହ ସୃଷ୍ଟି କରାଯାଇ ପାରିବ ତାହା ଥିଲା ଲେଖକଙ୍କ ପ୍ରକୃତ ଲକ୍ଷ୍ୟ। ଗୋପୀନାଥ ହେଉଛନ୍ତି ଇଂରାଜୀ ସାହିତ୍ୟର ଛାତ୍ର। ତେଣୁ ଇଂରାଜୀରେ ସମାଲୋଚନା-ମୂଳକ ଆଧୁନିକ ଧାରାର ପ୍ରବନ୍ଧ ପାଠ କରିବାର ସୁଯୋଗ ସେ ପାଇଥିଲେ। ଚେଷ୍ଟରଟନ୍, ବେକନ୍, ଲିନ୍, ଡିକ୍ସିନ୍ସ, ଭର୍ଜିନିଆ ଉଲଫ୍, ଏଡ଼ିଥ୍ ସାଇଟ୍ୱେଲ୍ ପ୍ରମୁଖ ଲେଖକମାନଙ୍କ ଗଭୀର ଦୃଷ୍ଟି, ଦର୍ଶନ ତଥା ବିଶ୍ଳେଷଣ ଗୋପୀନାଥଙ୍କୁ ପ୍ରଦାନ କରିଥିଲା ଭିନ୍ନ ପୁଲକ। ଏଗୁଡ଼ିକର ବୈଶିଷ୍ଟ୍ୟ ହେଉଛି ଅନ୍ତରଙ୍ଗ ବନ୍ଧୁଟିଏ ବାଜେ କଥା ଗପିଲା ପରି ପ୍ରବନ୍ଧ ରଚିତ ହୁଏ। ଏହା ହସାଏ, କନ୍ଦାଏ। ଲେଖକ-ପାଠକଙ୍କୁ ସଂଯୁକ୍ତ କରିଦିଏ। ତାତ୍ତ୍ୱିକ ଭଙ୍ଗୀ, ଶୃଙ୍ଖଳା ଆଲୋଚନା ଦ୍ୱାରା ଯାହା ସାଧିତ ହୋଇନପାରେ ଏପରି ନୂତନ ଶୈଳୀର ସରସ ଆଲୋଚନା ପାଠକ ପ୍ରାଣରେ ନୂତନ ଆବିଷ୍କାରର ଉତ୍ସାହ ଭରିଦିଏ। ଏଥିରେ ଯେଉଁ ପ୍ରବନ୍ଧଗୁଡ଼ିକ ସଂକଳିତ ତାହା ଗୋପୀନାଥଙ୍କ ଗଭୀର ଚିନ୍ତନର ପରିଚାୟକ। ଏଥିରେ ସ୍ଥାନିତ ଲେଖାସବୁ କେଉଁ କେଉଁ ତତ୍ତ୍ୱ ଉପରେ ପ୍ରତିଷ୍ଠିତ ହୋଇଛି, ତାହାର ସୂଚନା ମଧ୍ୟ ଗୋପୀନାଥ ପ୍ରଦାନ କରିଛନ୍ତି ସ୍ପଷ୍ଟ ଭାବରେ। 'ବାଉଆ କଳ' ପ୍ରବନ୍ଧଟି ହେଉଛି ଆଶ୍ଚର୍ଯ୍ୟବୋଧର କ୍ରିୟା। 'ଇଙ୍ଗାଛାଟି' ରୋମାଣ୍ଟିସିଜିମ୍‌ର ବ୍ୟାଖ୍ୟା। 'ପଥର ତଳି' ଉପନ୍ୟାସରେ ବାଦଲୁଲା ଚରିତ୍ର ବିଷୟରେ ଲିଖିତ। ସେହିପରି 'ଗଧୁନନ୍ଧୁଂବା' ହେଉଛି ସାହିତ୍ୟିକ ସମାଲୋଚନା ବିଷୟକ ଅନୁଶୀଳନ। 'ଭୋଳହସା' ହାସ୍ୟ ରସର ମହତ୍ତ୍ୱ ବ୍ୟକ୍ତ କରିବାରେ ଏକାନ୍ତ ସାର୍ଥକ। 'କଳାଶକ୍ତି' କଳାକାରର ପ୍ରେରଣାର ଉତ୍ସ ଆବିଷ୍କାରକ। 'କୁଆଁତରା' ହେଉଛି ଓଡ଼ିଆ ସାହିତ୍ୟରେ ଆଧୁନିକତାର ବାର୍ତ୍ତାବହ। 'କାଲୁଣୀ' ଟ୍ରାଜେଡ଼ି ବା କରୁଣରସ ଉପରେ ପ୍ରତିଷ୍ଠିତ। 'ବନ୍ଧାଖୋଲା' ସାହିତ୍ୟରେ ସାର୍ବଜନୀନତା ଓ ସ୍ୱତନ୍ତ୍ରତା ବିଷୟକ ମାର୍ମିକ ଆଲୋଚନାଟିଏ। 'ଏପାରି ସେପାରି' କବିତାର ଉଦ୍ଦେଶ୍ୟ ସଂପର୍କରେ ସୃଷ୍ଟି ହୋଇଥିବା ଭିନ୍ନ ଭିନ୍ନ ମତବାଦର ଉପସ୍ଥାପନା। 'ଶାଗୁଦିଆ' ପ୍ରବନ୍ଧଟିରେ ମଣିଷର ସଭ୍ୟତା, ଦେବତା ସୃଷ୍ଟି, ଇନ୍ଦ୍ରିୟଗ୍ରାହ୍ୟ ଅନୁଭୂତି, ଅତୀନ୍ଦ୍ରିୟ ଚେତନା, ଅସୀମର ପରିକଳ୍ପନା ରୂପାୟିତ ହୋଇଛି ସ୍ୱତନ୍ତ୍ର ଅଭିନିବିଷ୍ଟତାର ପରିଚୟ ପ୍ରଦାନ କରି। 'ଛାଇ' ଏପରି ଏକ ଆଲୋଚନା ଯେଉଁଥିରେ ଲେଖକର ମନଉପରେ ପଡୁଥିବା ବିଭିନ୍ନ ପ୍ରଭାବର ଏକ ଭାବସଂଚାରକ୍ଷମ ରଚନା। 'ଶେଷଅଙ୍କ' ହେଉଛି ନାଟକ ଓ ଉପନ୍ୟାସର ବିଷୟବସ୍ତୁରେ ଆସେ ଯେଉଁ ପରିଣତି ସେହି ସଂପର୍କିତ ବିରଳ ଅନୁଭୂତି। 'ନାଲି ସଡ଼କର ଭିମା' ପାରମ୍ପରିକତା ଓ ନୂତନତାର ଏକ ତୁଳନାତ୍ମକ ଅଧ୍ୟୟନ। ସେହିପରି 'କିମ୍-ଭୂତ' ସାହିତ୍ୟରେ ପ୍ରୟୋଗ କରାଯାଇଥିବା ଉଦ୍ଭଟତାର ତାତ୍ପର୍ଯ୍ୟ ଉପରେ ଏକ ଆଲୋକପାତ। 'ଗଣସାହିତ୍ୟ' ପ୍ରବନ୍ଧରେ କେଉଁ ସାହିତ୍ୟ ଗଣସାହିତ୍ୟ ଭାବରେ ବିବେଚିତ ତାହା ଉତ୍କୀର୍ଣ୍ଣ ହୋଇଛି ମର୍ମସ୍ପର୍ଶୀ ରୂପରେ। ଏହି ପ୍ରବନ୍ଧ ପୁସ୍ତକର ଶେଷ ପ୍ରବନ୍ଧଟି ହେଲା 'ଶିଳ୍ପୀ ଓ ମଣିଷ'। କାଳ୍ପନିକ ଚିଠିର ଆକାର ଗ୍ରହଣ କରିଥିବା ଏହି ରଚନା ସାହିତ୍ୟ ସ୍ରଷ୍ଟାଙ୍କ ଜୀବନ ଓ ତାଙ୍କର କଳା-ସୃଜନର ସୌନ୍ଦର୍ଯ୍ୟ ପ୍ରକଟନରେ ଏକାନ୍ତ ଅନ୍ତର୍ଭେଦୀ। ଏହି ପ୍ରବନ୍ଧଗୁଡ଼ିକରେ ଯେ କେବଳ ତାତ୍ତ୍ୱିକ ବିଶ୍ଳେଷଣ ରହିଛି ସେତିକି ନୁହେଁ। ଚିତ୍ର ମାଧ୍ୟମରେ ଭାବକୁ ବ୍ୟକ୍ତ କରିବା, ଲେଖାଟକୀକୁ ରସାପ୍ଲୁତ